SAF Social Axiom Foundation

ଚିଲ୍ଡ୍ରେନ୍ ଅଗ୍ନେଷ୍ଟ୍ ଚାଇଲ୍ଡ ଆବ୍ୟୁସ୍

# ପ୍ରୋଜେକ୍ଟ କାକା (CACA)

## ସପୋର୍ଟ ଷ୍ଟାଫ୍ ବୁକଲେଟ

ଆପଣଙ୍କୁ ଏବଂ ଆପଣଙ୍କ ଶିଶୁକୁ ଶିଶୁ ଶୋଷଣ ବିରୁଦ୍ଧରେ ସଶକ୍ତ କରିବା ପାଇଁ ଏବଂ ଶିଶୁଙ୍କୁ ଖୁସି, ସ୍ୱାସ୍ଥ୍ୟବାନ୍ ଏବଂ ସରକ୍ଷିତ ଦେଖିବା




OR



ପାଇଁ ଏହି ବୁକଲେଟ www.projectcaca.org ରୁ ଇଂରାଜୀ, ହିନ୍ଦୀ ଏବଂ ଅନ୍ୟ କ୍ଷେତ୍ରୀୟ ଭାଷାରେ ଡାଉନ୍‌ଲୋଡ୍ କରଯାଇପାରିବ।

ସାଥୀ

CSJ Council to Secure Justice | Fortis | edusynergies

ସମର୍ଥନ:

ଷ୍ଟେଟ୍ ଲିଗାଲ୍ ସର୍ଭିସେସ୍ ଅଥରିଟିଜ୍ – (SLSA) ଏବଂ ଷ୍ଟେଟ୍ କମିଶନ୍ସ ଫର୍ ପ୍ରୋଟେକ୍ସନ୍ ଅଫ୍ ଚାଇଲଡ୍ ରାଇଟସ୍ (SCPCR).

www.projectcaca.org

*RED-OR-01*

# ସୂଚୀପତ୍ର


1. ଏହି ସହଯୋଗୀ ବୁକଲେଟକୁ କିଏ ପଢିବା ଦରକାର? 01
2. ଏକ ବିଦ୍ୟାଳୟର ସୁରକ୍ଷା ନୀତି 01
3. କାକା (CACA) ସୁରକ୍ଷା କାର୍ଯ୍ୟପୁସ୍ତିକା 02
4. ଶିଶୁ ଅଧିକାର 03
5. କମିଶନ୍ ଫର୍ ପ୍ରୋଟେକ୍ସନ୍ ଚାଇଲ୍ଡ ରାଇଟସ୍ (CPCR) ଆକ୍ଟ/ଶିଶୁ ଅଧିକାର ସଂରକ୍ଷଣ ଆୟୋଗ (CPCR) ଅଧିନିୟମ 03
6. ଜୁଭେନାଲ୍ ଜଷ୍ଟିସ୍ (କେୟାର ଏଣ୍ଡ ପ୍ରୋଟେକ୍ସନ୍) ଆକ୍ଟ/ଜୁବିଲାଇନ୍ ଜଷ୍ଟିସ୍ (ଯତ୍ନ ଏବଂ ସୁରକ୍ଷା) ଅଧିନିୟମ – JJ ଅଧିନିୟମ 04
7. ପ୍ରୋକ୍ଟେସନ୍ ଅଫ୍ ଚିଲ୍ଡ୍ରେନ୍ ଫ୍ରମ୍ ସେକ୍ସୁଅଲ୍ ଅଫ୍ସେନ୍ସ ଆକ୍ଟ– POCSO (ପୋକ୍ସୋ)/ଯୌନ ଅପରାଧରୁ ଶିଶୁମାନଙ୍କୁ ସଂରକ୍ଷଣ ଅଧିନିୟମ 06
8. POCSO E-BOX (ପୋକ୍ସୋ ଇ–ବକ୍ସ) 09
9. ନ୍ୟାସନାଲ୍ ସେକ୍ସ ଅଫେଡେର୍ ରେଜେଷ୍ଟ୍ରି (ଜାତୀୟ ଯୌନ ଅପରାଧୀ ରେକର୍ଡ/ଦଲିଲ୍) (NDSO) 10
10. ନ୍ୟାସନାଲ୍ ଲିଗଲ ସର୍ଭିସେସ ଅର୍ଥରିଟିଜ –(NALSA)(ନାଲ୍ସା) 11
11. କାକା (CACA) ସୁରକ୍ଷା ଅଭ୍ୟାସ ପୁସ୍ତିକାରେ ଅନ୍ତର୍ଭୁକ୍ତ ସରକାରୀ ଲୋଗୋ (Logo)/ନିତି/ଯୋଜନା/ହେଲ୍ପଲାଇନ୍ ନମ୍ବର 12



ପବ୍ଲିସଡ ବାୟ: ଏଣ୍ଟୁସିନର୍ଜିସ ଫର ସୋସଲ ଏକ୍ସିଓମ ଫାଉଣ୍ଡେସନ୍ (SAF)
ପ୍ରିଣ୍ଟେଡ ବାୟ: ରେପ୍ରୋ ଇଣ୍ଡିଆ ଲିମିଟେଡ


ଡିସକ୍ଲେମର – ଏହି ଅଭ୍ୟାସ ପୁସ୍ତିକା କୌଣସି ବି ଯୋଗ୍ୟ ବିଷେଷଙ୍କ ମତାମତର ବିକଳ୍ପ ନୁହେଁ। ପାଠକଙ୍କ ଫାଇଦା ପାଇଁ ସାମଗ୍ରୀ ଏବଂ ବିସ୍ତୀର୍ଣ୍ଣ ଆଇନ୍‌ର ପ୍ରାବଧାନକୁ ସରଳ କରାଯାଇଛି। ଏହି ଅଭ୍ୟାସ ପୁସ୍ତିକ କୌଣସି ଆଇନ୍‌ର ଯାଗା ନେଇପାରିବ ନାହିଁ।


© 2021 କପିରାଇଟ, SAF ସୋସଲ ଏକ୍ସିଓମ ଫାଉଣ୍ଡେସନ୍, ଅଲ ରାଇଟ୍‌ସ ରିଜର୍ଭଡ

SAF Social Axiom Foundation

ଚିଲ୍ଡ୍ରେନ୍ ଅଗେନେଷ୍ଟ ଚାଇଲ୍ଡ ଆବ୍ୟୁସ୍

## 1. ଏହି ସହଯୋଗୀ ବୁକଲେଟକୁ କିଏ ପଢିବା ଦରକାର?

ବିଦ୍ୟାଳୟର ସୁରକ୍ଷା ନୀତି ଅନୁଯାୟୀ ପିଲାମାନଙ୍କୁ ଶିକ୍ଷା ଦିଆଯାଉଥିବା (CACA) ସୁରକ୍ଷା କାର୍ଯ୍ୟପୁସ୍ତିକାଗୁଡିକରେ ବୁକଲେଟ୍ ହେଉଛି ଏକ ସାଥୀ । କାର୍ଯ୍ୟପୁସ୍ତିକାଗୁଡିକ ହେଉଛି ପ୍ରକଳ୍ପର କେନ୍ଦ୍ରୀୟ ଅଂଶ । ଏହା ବ୍ୟତୀତ ଏହି ପ୍ରକଳ୍ପରେ ଶିକ୍ଷକ, ଅଭିଭାବକ ଏବଂ ବିଦ୍ୟାଳୟର ସହାୟକ କର୍ମଚାରୀଙ୍କ ପାଇଁ ସାଥୀ ବୁକଲେଟ୍ ଏବଂ କର୍ମଶାଳା ରହିଛି । ସୁରକ୍ଷା କାର୍ଯ୍ୟପୁସ୍ତିକାଆମ ପିଲାମାନଙ୍କୁ ସେମାନଙ୍କର ଅଧିକାର (ଶିଶୁ ଅଧିକାର), ଲିଙ୍ଗଗତ ସମାନତା ଏବଂ ଶିଶୁ ନିଯ୍ୟାତନା ବିଷୟରେ ଶିକ୍ଷା ଦିଏ । କାର୍ଯ୍ୟପୁସ୍ତିକା ଶିଶୁ ନିଯ୍ୟାତନା ରୋକିବା ଉପଲେ ଧାନ ଦେଇଥାଏ । ବ୍ୟକ୍ତିଗତ ନିରାପତ୍ତା ବ୍ୟତୀତ, କାର୍ଯ୍ୟପୁସ୍ତିକାଗୁଡିକ ସ୍ୱାସ୍ଥ୍ୟ ନିରାପତ୍ତା ଅନ୍ତର୍ଭୁକ୍ତ କରେ ।

କାର୍ଯ୍ୟ ପୁସ୍ତକରେ ଶିଶୁ, ଶିକ୍ଷକ, ପିତାମାତା, ଜେଜେବାପା ଏବଂ ସପୋର୍ଟ–ଷ୍ଟାଫ୍ ବିଭିନ୍ନ ଚରିତ୍ର ଭାବରେ ଦେଖାଯାନ୍ତି । ପିତା–ମାତାଙ୍କ ସାହାର୍ଯ୍ୟ ବିନା ପିଲାମାନେ ଅଭ୍ୟାସ ପୁସ୍ତିକାକୁ ବୁଝିପାରିବେ ନାହିଁ । ପିତାମାତା, ଶିକ୍ଷକ ଏବଂ ସହାୟକ କମଚଚାରୀଙ୍କ ପାଇଁ ବୁକଲେଟ୍ ଗୁଡିକ ଇଂରାଜୀ, ହିନ୍ଦୀ ଏବଂ ବିଭିନ୍ନ ଆଞ୍ଚଳିକ ଭାଷାରେ ଉପଲବ୍ଧ ଅଛି ଯାହାକି ସୁରକ୍ଷା କାର୍ଯ୍ୟପୁସ୍ତିକା ଅନୁଯାୟୀ ନିଜକୁ ହିସାବରେ ତାଳମେଳ ରକ୍ଷା କରିପାରିବେ ।

ଏହି ସାଥୀ ବୁକଲେଟ୍ ସପୋର୍ଟ–ଷ୍ଟାଫ୍ ଙ୍କ ପାଇଁ, ଯେଉଁମାନଙ୍କ ମଧ୍ୟରୁ କେତେକ ପିତାମାତା ଏବଂ ଜେଜେବାପା ମଧ । ତଥାପି, ଯିଏ ପିଲାମାନଙ୍କ ବିଷୟରେ ଚିନ୍ତା କରେ, ସେମାନେ ଏହି ବୁକଲେଟ୍ ପଢିବାକୁ ଆଗ୍ରହୀ ହେଲେ । ସର୍ବଶେଷରେ, ଆମେ ସମସ୍ତେ ଚାହୁଁ ପିଲାମାନେ ଖୁସି, ସୁସ୍ଥ ଏବଂ ନିରାପଦ ହୁଅନ୍ତୁ । ସପୋର୍ଟ–ଷ୍ଟାଫ୍ – ଡ୍ରାଇଭର, କଣ୍ଡକ୍ଟର, ସୁଇପର୍ ଚାକରାଣୀ ଇତ୍ୟାଦି ଏକ ବିଦୟାଳୟର ପୂର୍ଣ୍ଣ କିମ୍ବା ପାର୍ଟଟାଇମ୍ ଏବଂ ଚୁକ୍ତିନାମା, ନିୟମିତ ଭାବଲେ ପିଲାମାନଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ । ସେମାନେ ପିଲାମାନଙ୍କର ସୁରକ୍ଷା ସହ ଜଡିତ ବିଭିନ୍ନ ନିୟମକୁ ବୁଝିବା ଆବଶ୍ୟକ କରନ୍ତି ।

## 2. ଏକ ବିଦ୍ୟାଳୟର ସୁରକ୍ଷା ନୀତି

ପ୍ରୋଜେକ୍ଟ CACA ବିଭିନ୍ନ ସଂଗଠନ ଦ୍ୱାରା ଜାରି କରାଯାଇଥିବା ବିଭିନ୍ନ ସୁରକ୍ଷା (ଦିଶା) ନିର୍ଦ୍ଦେଶାବଳୀ, ନିୟମ ଏବଂ ସର୍କୁଲାର ଅନୁସରଣ କଲେ, ଯେପରି ଶିଶୁ ଅଧିକାରର ସୁରକ୍ଷା କମିଶନ, ସରକାରୀ ମନ୍ତ୍ରଣାଳୟ ଏବଂ ବିଭାଗ, ବିଦ୍ୟାଳୟ ବୋର୍ଡ, ସର୍ବୋଚ୍ଚ ଏବଂ ଉଚ୍ଚ ନ୍ୟାୟାଳୟ ଇତ୍ୟାଦି, ପ୍ରତ୍ୟେକ ବିଦ୍ୟାଳୟକୁ ଅନୁସରଣ କରିବାକୁ ପଡିବ । ପ୍ରତ୍ୟେକ ବିଦ୍ୟାଳୟକୁ ଏହାର ଛାତ୍ରମାନଙ୍କ ପାଇଁ ନିମ୍ନ ବର୍ଗର ସୁରକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପଡିବ ।

ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସୁରକ୍ଷାର ବିଭାଗୀକରଣ

୧. ଭିତ୍ତିଭୂମି ସୁବିଧାଗୁଡିକ । ୨. ସ୍ୱାସ୍ଥ୍ୟ । ୩. ପରିବହନ । ୪. ଛାତ୍ର ସୁରକ୍ଷା ପ୍ରଣାଳୀ । ୫. ବ୍ୟକ୍ତିଗତ, ସାମାଜିକ, ଭାବପ୍ରବଣ ଏବଂ ଯୌନ ସୁରକ୍ଷା । ୬. ରିପୋର୍ଟ ଏବଂ ପ୍ରତିକ୍ରିୟା ତନ୍ତ୍ର । ୭. ଜରୁରିକାଳୀନ ପ୍ରସ୍ତୁତି ଏବଂ ବିପର୍ଯ୍ୟୟ ପରିଚାଳନା । ୮. ସାଇବର ସୁରକ୍ଷା

SAF Social Axiom Foundation

ପ୍ରୋଜେକ୍ଟ କାକା (CACA), ପିଲାମାନଙ୍କୁ କେନ୍ଦ୍ରକରି ସୁରକ୍ଷାର ଉପରୋକ୍ତ ଶ୍ରେଣୀ ବିଭାଗ ଉପରେ ମାତା–ପିତା, ଶିକ୍ଷକ, ଏବଂ ସହକାରୀ କର୍ମଚାରୀମାନଙ୍କୁ ସଶକ୍ତ, ଶିକ୍ଷିତ ଏବଂ ସମ୍ବେଦନଶୀଳ କରାଇଥାଏ। ଏହି ପ୍ରୋଜେକ୍ଟ ରେ ବାଳ ଅଧିକାର, ଲିଙ୍ଗଗତ ସମାନତା ଏବଂ (ବାଳ ଶୋଷଣ) ର ଶିକ୍ଷାଗତ, ଆଇନ୍‌ଗତ ଏବଂ (ମନୋବୈଜ୍ଞାନିକ) ଦୃଷ୍ଟିକୋଣକୁ ବ୍ୟାପ୍ତ ହୋଇଥାଏ।

## 3. କାକା (CACA) ସୁରକ୍ଷା କାର୍ଯ୍ୟପୁସ୍ତିକା

"କୋମଲ୍" ହେଉଛି ଏକ ଲଘୁ କାର୍ଟୁନ୍ ଚଳଚ୍ଚିତ୍ର। ଯାହାକି ପିଲାମାନଙ୍କୁ "ଶିଶୁ ଯୌନ ଶୋଷଣ" ବିରୁଦ୍ଧରେ ସଶକ୍ତ କରିଥାଏ। ବେସରକାରୀ ସଂଗଠନ (ଏନ୍ ଜି ଓ) ଚାଇଲଡ୍ ଲାଇନ୍ ଇଣ୍ଡିଆ ଫାଉଣ୍ଡେସନ୍ ଏହାକୁ ଭାରତ ସରକାରଙ୍କ ସାହାର୍ଯ୍ୟରେ ତିଆରି କରିଥିଲା। କୋମଲ୍ ଯେ କୌଣସି ୭ବର୍ଷର ଝିଅଭଳି ସାମାନ୍ୟ ଝିଅଟିଏ, ଯାହାକୁ କି ଦୁର୍ଭାଗ୍ୟବଶତଃ ତା'ର ପଡୋଶୀଦ୍ୱାରା ଦୁବ୍ୟବହାର କରାଯାଇଥିଲା। ଏହି ଚଳଚ୍ଚିତ୍ରଟି ନିରାପଦ ଓ ବିପଦପୂର୍ଣ୍ଣ ଢଙ୍ଗରେ ଛୁଇଁବା ବିଷୟରେ କହିଥାଏ। ଯାହାଦ୍ୱାରାକି ସେମାନେ ନିଜର ସୁରକ୍ଷା କରିପାରିବେ। କାକା (CACA) ନିରାପଦ ଅଭ୍ୟାସ ପୁସ୍ତିକା "କୋମଲ୍" ଚଳଚ୍ଚିତ୍ର ଉପରେ ଆଧାରିତ। ସେ ବୟସ–ଉପଯୁକ୍ତ ଏବଂ ପ୍ରଗତିଶୀଳ ଉପାୟରେ। ଚଳଚ୍ଚିତ୍ରରେ ଥିବା ବିସ୍ତୀର୍ଣ୍ଣ ସୁରକ୍ଷା ସିଦ୍ଧାନ୍ତଗୁଡିକୁ ଶିଖାଇଥାଏ। ଯେମିତିକି,




- ସୁରକ୍ଷିତ – ଅସୁରକ୍ଷିତ ସ୍ପର୍ଶ
- ଗୁପ୍ତ କଥା
- ଭରସା ଯୋଗ୍ୟ ବୟସ୍କବ୍ୟକ୍ତି
- ଏଥିରେ ତୁମର ଭୁଲ୍ ନାହିଁ
- ମୁଖରା ହେବା (ନିଜ କଥାକୁ ଜୋର୍ କରି ସମସ୍ତଙ୍କ ସାମ୍ନାରେ ରଖିବା/କହିବା)
- ଶିଶୁ ସହାୟତା ନମ୍ବର ୧୦୯୮ ଇତ୍ୟାଦି ।

ଏହି ଚଳଚ୍ଚିତ୍ରଟି ବିଦ୍ୟାଳୟର ପିଲାମାନଙ୍କୁ ଦେଖାଯାଉଛି । ପିତାମାତା, ଜେଜେବାପା, ବିଦ୍ୟାଳୟର ଶିକ୍ଷକ ଏବଂ ସପୋର୍ଟ–ଷ୍ଟାଫ୍ ମଧ ଏହାକୁ ଦେଖିବା ଉଚିତ୍ ।

ଚଳଚ୍ଚିତ୍ରଟି ହିନ୍ଦୀ, ଇଂରାଜୀ ଏବଂ ବିଭିନ୍ନ ଭାଷାରେ ଉପଲବ୍ଧ ଅଛି। ଏହାକୁ ୟୁଟ୍ୟୁବ୍ (Youtube) ଇଣ୍ଟରନେଟ୍ ରେ "କୋମଲ୍ ଚାଇଲଡ୍‌ଲାଇନ୍" ଏବଂ ନିଜ ନିଜ ଭାଷାରେ ଯେମିତିକି ତାମିଲ, ହିନ୍ଦୀରେ ଲେଖି ସହଜରେ ଖୋଜାଯାଇ ପାରିବ।

ଅଭ୍ୟାସ ପୁସ୍ତିକାଟି ୩ ଜଣ ପକ୍କା ସାଙ୍ଗଙ୍କ ଆଖପାଖରେ ଘୁରୁଛି। ଜଣେ ଝିଅ ସନା; ଗୋଟିଏ ପୁଅ ଅର୍ପିତ, ଏବଂ ଏକ ବାଘ, ପୋଷ୍ଟୋ ସେମାନଙ୍କର ୩ଜଣ ସହପାଠୀ ମଧ୍ୟ।


ପୋଷ୍ଟୋ


ସନା


ଅର୍ପିତ



ସର୍ବେକ୍ଷଣ ୨୦୦୭ – ମିନିଷ୍ଟ୍ରି ଅଫ୍ ୱିମେନ୍ ଏଣ୍ଡ ଚାଇଲ୍ଡ ଡେଭ୍ଲପ୍‌ମେଣ୍ଟ (MW&CD) ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର: ପ୍ରତ୍ୟେକ ଶିଶୁ, ପୁଅ ହେଉ ଅବା ଝିଅ ସେମାନଙ୍କୁ ଯୌନ ଶୋଷଣର ଏକ ବା ତଦୁର୍ଦ୍ଧ ରୂପକୁ ସାମ୍ନା କରିବାକୁ ପଡିଥାଏ। ଝିଅମାନଙ୍କ ଭଳି ପୁଅମାନେ ମଧ ଯୌନ ଶୋଷଣର ଶିକାର ହୋଇପାରନ୍ତି। ବହୁତ ଗୁଡିଏ କ୍ଷେତ୍ରରେ ଦୁରବ୍ୟବହାର କରୁଥିବା ବ୍ୟକ୍ତି ବାହାରର ନୁହେଁ ବରଂ ଏମିତି ଜଣେ ହୋଇଥାଏ ଯାହାକୁ କି ପିଲାଟି ବହୁତ ଭଲ ଭାବରେ ଜାଣିଥାଏ।

## 4. ଶିଶୁ ଅଧିକାର

୧୮ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କୁ ଶିଶୁ (ଜୁଵିଲାଇନ୍) କୁହାଯାଏ। ଅନ୍ୟ ସମସ୍ତ ବ୍ୟକ୍ତିଙ୍କୁ ବୟସ୍କ କୁହାଯାଏ। ବୟସଙ୍କ ଭଳି ଶିଶୁମାନେ ମଧ ନାଗରିକ ଅଟନ୍ତି। ସେମାନଙ୍କ ପାଖରେ ଭାରତର ସମ୍ବିଧାନରେ ଲିଖିତ ସମସ୍ତ ଅଧିକାର ଥାଏ। ସେମାନଙ୍କର କିଛି ଖାସ୍ ଅଧିକାର ମଧ ଅଛି। ଯେମିତି କି:

- ✓ ଶିଶୁମାନଙ୍କୁ ନିଜର ଅଧିକାର ବିଷୟରେ ଜାଣିବାରେ ଅଧିକାର ଅଛି।
- ✓ ଶିଶୁମାନଙ୍କୁ ଉତ୍ତମ ଶିକ୍ଷାର ଅଧିକାର ଅଛି।
- ✓ ଶିଶୁମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟର ରକ୍ଷଣାବେକ୍ଷଣ ପ୍ରାପ୍ତକରିବାର ଅଧିକାର ଅଛି।
- ✓ ଶିଶୁମାନଙ୍କୁ ପେଟପୁରା ଖାଦ୍ୟର ମଧ ଅଧିକାର ଅଛି।
- ✓ ଶିଶୁମାନଙ୍କୁ ଆର୍ଥିକ ଏବଂ ଯୌନ ଶୋଷଣରୁ ରକ୍ଷା କରିବାର ଅଧିକାର ମଧ ଅଛି।

ଇତ୍ୟାଦି।

ଶିଶୁ ଅଧିକାର ଉପରେ ଆଧାରିତ ବହୁତ ଆଇନ୍ ଏବଂ ଯୋଜନା ଅଛି। ନିରାପଦ ଅଭ୍ୟାସ ପୁସ୍ତିକା ଶିଶୁମାନଙ୍କୁ ସେ ସବୁ ବିଷୟରେ ସୂଚନା ଦେଇଥାଏ। ମନେରଖନ୍ତୁ, ଶିଶୁମାନଙ୍କୁ ସମସ୍ତ ଅଧିକାର ଯେପରି ମିଳିପାରିବ। ଏହା ସମସ୍ତ ବୟସ୍କଙ୍କ ଦାୟିତ୍ୱ।

## 5. କମିଶନ୍ ଫର୍ ପ୍ରୋଟେକ୍ସନ୍ ଚାଇଲ୍ଡ ରାଇଟସ୍ (CPCR) ଆକ୍ଟ/ଶିଶୁ ଅଧିକାର ସଂରକ୍ଷଣ ଆୟୋଗ (CPCR) ଅଧିନିୟମ

ଶିଶୁ ଅଧିକାର ଅଧିନିୟମ (୨୦୦୫) ଜାତୀୟ ଆୟୋଗ – NCPCR ଏବଂ ଶିଶୁ ସୁରକ୍ଷା ପାଇଁ ରାଜ୍ୟ ଆୟୋଗ – SCPCR ଏହି ଅଧିନିୟମ ଅନୁଯାୟୀ ଗଠିତ । ଶିଶୁ ଅଧିକାର ଏବଂ ଆନୁଷଙ୍ଗିକ ଆଇନର କାର୍ଯ୍ୟକାରିତା ଉପରେ ନଜର ରଖିବା ପାଇଁ ଆୟୋଗ ଦାୟୀ । ଜଣେ ଅଧକ୍ଷ ପ୍ରତ୍ୟେକ ଆୟୋଗର ମୁଖ୍ୟ ଅଟନ୍ତି । ଶିଶୁ ଅଧିକାରର ଉଲ୍ଲଂଘନ ସହ ଜଡିତ ଅଭିଯୋଗଗୁଡିକର ଅନୁସନ୍ଧାନ କରିବା ଏବଂ ସେମାନଙ୍କୁ ପୋଲିସ୍ ପରି ଉପଯୁକ୍ତ ଅଧିକାରୀଙ୍କ ନୋଟିସକୁ ଆଣିବା ଭଳି ଆୟୋଗର ଅନେକ କାର୍ଯ୍ୟ ରହିଛି ।

SAF Social Axiom Foundation

ଏହା ସ୍ୱୟଂ (ସୁଓ ମୋଟୋ) କୌଣସି ଅଭିଯୋଗ ବିନା ମଧ ଯାଞ୍ଚ କରିପାରିବେ।

## 6. ଜୁଭେନାଲ୍ ଜଷ୍ଟିସ୍ (କେୟାର ଏଣ୍ଡ ପ୍ରୋଟେକ୍ସନ୍) ଆକ୍ଟ/ଜୁବିଲାଇନ୍ ଜଷ୍ଟିସ୍ (ଯତ୍ନ ଏବଂ ସୁରକ୍ଷା) ଅଧିନିୟମ – JJ ଅଧିନିୟମ

ଏହି ଅଧିନିୟମ ସମଗ୍ର ଭାରତରେ ଲାଗୁ ହୋଇଛି। ଏହା ଶିଶୁଙ୍କୁ ୧୮ ବର୍ଷର କମ୍ ବୟସର ବ୍ୟକ୍ତି ରୂପେ ପରିଚିତ କରାଇଥାଏ। ଏହା ସେହି ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରେ ଯାହା ଶ୍ରେଣୀ ଏ ଓ ଶ୍ରେଣୀ ବି ରେ ଆସନ୍ତି।

ଶ୍ରେଣୀ ଏ: ସେହି ପିଲାମାନେ ଯିଏ ଆଇନ୍ ଉଲଘଂନ କରିଛନ୍ତି।

ଶ୍ରେଣୀ ବି: ସେହିପିଲା, ଯାହାକୁ ଦେଖାଶୁଣା, ସୁରକ୍ଷା, ଉପଚାର, ବିକାଶ ଏବଂ ପୁର୍ନବାସର ଆବଶ୍ୟକତା ରହିଛି। ଯେମିତି କି ଗୋଟିଏ ପିଲା ଯିଏ କି:

- ଘର/ଆଶ୍ରୟ ବିନା କିମ୍ବା ବ୍ୟବସ୍ଥିତ ସ୍ଥାନରେ ମିଳେ – ଅନାଥ
- ଶାରୀରିକ ଏବଂ ମାନସିକ ରୂପରେ ବିକଳାଙ୍ଗ ଏବଂ ତେଜ୍ୟ ହୋଇଥିବା ଇତ୍ୟାଦି। ତାର ଦେଖାଶୁଣା କରିବା ପାଇଁ କୌଣସି ଉପଯୁକ୍ତ ବ୍ୟକ୍ତି ନାହିଁ;
- ବିବାହ ବୟସ ନ ହୋଇ ମଧ ବିବାହ କରୁଛି, ଏବଂ ଯାହାର ମାତା–ପିତା କିମ୍ବା ପରିବାରର ସଦସ୍ୟଙ୍କର ଏହିପରି ବିବାହରେ ସହଭାଗିତା ହେବାର କୌଣସି ସମ୍ଭାବନା ରହିଛି; ଇତ୍ୟାଦି।

> ଶ୍ରେଣୀ ଏ ରେ ଥିବା ଶିଶୁ ଶ୍ରେଣୀ ବି ରେ ମଧ ଅନ୍ତର୍ଭୁକ୍ତ ହୋଇପାରନ୍ତି। ଉଦାହରଣ ସ୍ୱରୂପ ଏକ ଅନାଥ ଯିଏ ନିୟମ ଉଲଘଂନ କରିଛି।

### ଚାଇଲଡ୍ ୱେର୍ ଫେୟାର କମିଟି – CWC/ଶିଶୁ କଖ୍ୟାଣ ସମିତି CWC

ଚାଇଲଡ୍ ୱେର୍ ଫେୟାର କମିଟି ଶିଶୁମାନଙ୍କୁ ଦେଖାଶୁଣା, ସୁରକ୍ଷା, ଉପଚାର, ବିକାଶ ଏବଂ ପୁର୍ନବାସ ପ୍ରାପ୍ତିର ସଠିକ୍ ବ୍ୟବସ୍ଥା ଏବଂ ସୁନିଶ୍ଚିତ କରିବାର ଦାୟିତ୍ୱ ଶିଶୁ କଖ୍ୟାଣ ସମିତିର। CWC ରେ ଜଣେ ଅଧକ୍ଷ ଏବଂ ୪ ଜଣ ଅନ୍ୟ ସଦସ୍ୟ ରହନ୍ତି। ସଦସ୍ୟମାନଙ୍କ ମଧ ରେ ଜଣେ ମହିଳା ଏବଂ ଅନ୍ୟଜଣେ ଶିଶୁ ସମ୍ବନ୍ଧୀୟ ମାମଲାର ବିଶେଷଜ୍ଞ ଥାଆନ୍ତି।

- ✓ CWC ସାମ୍ନାରେ କେହି ବି ଶିଶୁକୁ ହାଜର୍ କରାଇପାରିବେ, ଯେଉଁଥିରେ ନିଜେ ଶିଶୁ ମଧ ସାମିଲ୍ ଅଛି।
- ✓ ଶିଶୁ ସହାୟତା ନମ୍ବର ୧୦୯୮ କୁ କେହି ବି ବ୍ୟକ୍ତି କଲ୍ କରିପାରିବେ। ଯେଉଁଥିରେ ନିଜେ ଶିଶୁ ମଧ ସାମିଲ୍ ଅଟେ।

## ଜୁଭିନାଲ୍ ଜଷ୍ଟିସ୍ ବୋର୍ଡ– JJB

ଆଇନ୍‌ର ଉଲଙ୍ଘନ କରିଥିବା ଶିଶୁ (ଯାହାକୁ ଅପରାଧୀ ବୋଲି କୁହାଯିବ ନାହିଁ) କୁ ଜୁଭୁନାଲ୍ ଜଷ୍ଟିସ୍ ବୋର୍ଡ ସାମ୍ନାରେ ହାଜର କରାଯାଇଥାଏ। ବୟସ୍କଙ୍କ ପାଇଁ ସାମାନ୍ୟ ଅଦାଲତରେ ନୁହେଁ। JJB ର ଏକ (ନ୍ୟାୟିକ ମ୍ୟାଜିଷ୍ଟ୍ରେଟ୍) ଏବଂ ଦୁଇଜଣ (ସମାଜସେବୀ) ଥାଆନ୍ତି, ଯେଉଁଥିରେ କି ଅତିକମ୍‌ରେ ଜଣେ ମହିଳା ଥାଆନ୍ତି। JJB ଆଇନ୍ ଉଲ୍ଲଙ୍ଘନ କରୁଥିବା ଶିଶୁଙ୍କ ସମ୍ବନ୍ଧରେ ଏକ ତଦନ୍ତ (ମୋକଦ୍ଦମା ନୁହେଁ) କରନ୍ତି ଏବଂ JJ ଅଧିନିୟମ ଅନୁସାରେ ଆଦେଶ ଦେଇଥାଏ। ମନେରଖନ୍ତୁ କୌଣସି ବି ଶିଶୁକୁ କେବେ ବି ପୋଲିସ୍ ଲକ୍–ଅପ୍ ରେ ରଖାଯାଇପାରିବ ନାହିଁ। ଯେତେବେଳେ JJB କୁ ଜଣାପଡେ କି ଆଇନ ଉଲ୍ଲଙ୍ଘନ କରୁଥିବା ଶିଶୁଟିକୁ ରକ୍ଷଣାବେକ୍ଷଣ ଓ ସୁରକ୍ଷାର ଆବଶ୍ୟକ ପଡୁଛି, ତେବେ ସେ ଶିଶୁକୁ CWC ପାଖକୁ ପଠାଇଦିଆଯାଏ। ମନେରଖନ୍ତୁ, JJB ଆଇନ୍ ଉଲ୍ଲଙ୍ଘନ କରିଥିବା ଶିଶୁ ଯେଉଁମାନେ କି କିଛି ବି ଅପରାଧ କରିଥିବେ ଯେମିତିକି ଚୋରୀ, ଡକାୟତି, ହତ୍ୟା ଇତ୍ୟାଦିକୁ ମଧ ସମ୍ବୋଧିତ କରେ।

## ସ୍ପେଶିଆଲ୍ ଜୁଭିନାଲ୍ ପୋଲିସ୍ ୟୁନିଟ୍ – SJPU

ଶିଶୁଙ୍କ ମାମଲାଗୁଡିକୁ ସମ୍ଭାଳିବା ପାଇଁ ଥିବା ପୋଲିସ୍ ଅଲଗା ଅଟନ୍ତି। ସେମାନଙ୍କୁ ସ୍ପେଶିଆଲ୍ ଜୁଭିନାଲ୍ ପୋଲିସ୍ ୟୁନିଟ୍ (SJPU) କୁହାଯାଏ। CWC, SJPU, ଏବଂ JJB କୁ ବିଶେଷ ରୂପରେ JJ ଅନ୍ତର୍ଗତ ଆସୁଥିବା ଶିଶୁଙ୍କ ପାଇଁ ଜିଲ୍ଲାଭିତ୍ତିକ ଗଠନ କରାଯାଇଛି। ଏହା ବ୍ୟତୀତ ଶିଶୁଙ୍କ ସହ ବୁଝାମଣା ପାଇଁ ପ୍ରତ୍ୟେକ ପୋଲିସ୍ ଷ୍ଟେସନରେ ଏକ ବିଶେଷ ପୋଲିସ୍ କଲ୍ୟାଣ ଅଧିକାରୀ ରହିଥାନ୍ତି।

## JJB ଦ୍ୱାରା ଆଦେଶାବଳୀ

JJB, ଶିଶୁମାନଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରକାରର (ଅପରାଧଗୁଡିକ) ପାଇଁ, ଶିଶୁମାନଙ୍କୁ ନିମ୍ନଲିଖିତ ପ୍ରକାରର ଆଦେଶ ଦେଇପାରେ

- ଚେତାବନୀ ଏବଂ ଉପଦେଶ ଦେଲାପରେ ଘରକୁ ଯିବା।
- ସମୂହ ପରାମର୍ଶର ଭାଗ ନେବା।
- ସାମୁଦାୟିକ ସେବାରେ ଭାଗ ନେବା।
- ଜୋରିମାନା ଭରିବା।
- ଅବିଭାବକ/ମାତା–ପିତାଙ୍କର (ପରଖ ଅବଧି) ରେ ଖଲାସ କରିବା
- ସୁଧାରାତ୍ମକ ସେବା ଥିବା "ସ୍ୱତନ୍ତ୍ର ଘର" କୁ ପଠାଯିବା, କିନ୍ତୁ ୩ ବର୍ଷରୁ ଅଧିକ ଯାଏଁ ନୁହେଁ।
- ଡି–ଏଡିକ୍ସନ୍ ସେଣ୍ଟର (ନିଶାମୁକ୍ତ କେନ୍ଦ୍ର) କୁ ପଠାଯିବା।

*ସ୍ୱତନ୍ତ୍ର ଘର ଆବାସୀୟ ସ୍ଥାନ ଅଟେ। ବିଶେଷ ଘରେ ଏକ ଶିଶୁ ବିଦ୍ୟାଳୟ, ଧନ୍ଦାମୂଳକ ତାଲିମ୍ ଇତ୍ୟାଦିରେ ଭାଗ ନେଇପାରିବେ।

ପୋଲିସ୍, ସରକାରୀ ସେବା, ପାସ୍‌ପୋର୍ଟ ଆବେଦନ ଆଦି ବିଷୟରେ ଭବିଷ୍ୟତରେ କିଛି ବି ଅଯୋଗ୍ୟତା ପାଇଁ କୌଣସି ବି ଶିଶୁଙ୍କର ରେକର୍ଡ ରଖାଯାଇପାରିବ ନାହିଁ।

SAF Social Axiom Foundation

ଚିଲ୍ଡ୍ରେନ୍ କୋର୍ଟ (ଶିଶୁ ନ୍ୟାୟାଳୟ)

ଯେତେବେଳେ ୧୬ ରୁ ୧୮ ବୟସ୍କ ଶିଶୁଙ୍କୁ ହତ୍ୟାଭଳି ଜଘନ୍ୟ ଅପରାଧ ପାଇଁ ଧରାଯାଏ, ଏବଂ JJB ର ସମ୍ମୁଖକୁ ଅଣାଯାଏ, ତେବେ JJB ସେହି ଶିଶୁ ମଧରେ ବୟସ୍କ ବ୍ୟକ୍ତିଙ୍କ ଭଳି ମାନସିକ କ୍ଷମତା ଅଛି କି ନାହିଁ ତାହାର ଯାଞ୍ଚ କରିଥାଏ। ଯଦି JJB ଜାଣିପାରେ କି ସେହି ଶିଶୁ ମଧରେ ଜଣେ ବୟସ୍କ ଭଳି ମାନସିକ କ୍ଷମତା ଅଛି। ତେବେ ସେ ଶିଶୁକୁ (ଶିଶୁ ନ୍ୟାୟାଳୟ) କୁ ପଠେଇ ଦେଇଥାଏ। ଶିଶୁ ନ୍ୟାୟାଳୟ ଶିଶୁର ମାନସିକ କ୍ଷମତା ସମ୍ବନ୍ଧୀୟ ଜେଜେବି ସହ ସହମତ ହୋଇପାରେ କିମ୍ବା ନ ହୋଇ ମଧ ପାରେ। ଯଦି JJB ସହ କୋର୍ଟ ସହମତ ହୁଏ, ତେବେ ଶିଶୁକୁ ଏକ ବୟସ୍କ ବୋଲି ମାନି ଶିଶୁ ନ୍ୟାୟାଳୟ ଏକ ବିଚାରବିମର୍ଷ ଆରମ୍ଭ କରେ । ତେବେ କୌଣସି ବି ଅପରାଧ ପାଇଁ କୌଣସି ବି ଶିଶୁକୁ ଆଜୀବନ ଜେଲ୍‌ଦଣ୍ଡ କିମ୍ବା ମୃତ୍ୟୁର ଦଣ୍ଡ ଦିଆଯାଇପାରିବ ନାହିଁ। ଯଦି ଶିଶୁ ନ୍ୟାୟାଳୟ ଜେଜେବି ସହ ଅସହମତ, ତେବେ ଶିଶୁକୁ ବୟସ୍କ ବୋଲି ନମାନି, JJB ଦ୍ୱାରା ପୂର୍ବ ଲିଖିତ ଆଦେଶକୁ ମାନିବା ପାଇଁ ଏକ ଆଦେଶ ଜାରି କରିଥାଏ।

## 7. ପ୍ରୋକ୍ଟେସନ୍ ଅଫ୍ ଚିଲ୍ଡ୍ରେନ୍ ଫ୍ରମ୍ ସେକ୍ସୁଅଲ୍ ଅଫ୍‌ସେନ୍ସ ଆକ୍ଟ– POCSO (ପୋସ୍କୋ)/ଯୌନ ଅପରାଧରୁ ଶିଶୁମାନଙ୍କୁ ସଂରକ୍ଷଣ ଅଧିନିୟମ

୨୦୧୨ ରେ ୧୮ ବର୍ଷରୁ ସମସ୍ତ ବ୍ୟକ୍ତିଙ୍କ ପାଇଁ ଯୌନ ଅପରାଧରୁ ବଞ୍ଚିବା ପାଇଁ ଆଇନ୍ ତିଆରି କରାଯାଇଥିଲା। ପୋସ୍କୋ ସାରା ଭାରତରେ ଲାଗୁ ହୋଇଛି ପୋସ୍କୋ ର ପରିଭାସିତ ଅପରାଧ ଲିଙ୍ଗ ପ୍ରତି ନିରପେକ୍ଷ ଅଟେ। ୨୦୧୯ ରେ ଆଇନ୍ ରେ ସଂଶୋଧନ କରାଗଲା ଏବଂ ଏହାକୁ ଅଧିକ ଶକ୍ତ କରାଗଲା।

ମୁଖ୍ୟ ବିଶେଷତା:

- ଆରୋପୀ କୁ ନିଜ ନିର୍ଦ୍ଦୋଷତା ପ୍ରମାଣ କରିବାକୁ ହେବ।
- ଶିଶୁ (ଯୌନ ଶୋଷଣ) ର ସୂଚନା ପୋଲିସ୍ କୁ ଦେବାକୁ ହେବ। ସୂଚନା ନ ଦେବା ଏକ ଅପରାଧ ଅଟେ। କୌଣସି ଅଧିକାରୀ ଦ୍ୱାରା ପ୍ରାଥମିକ ତଦନ୍ତ ବିବରଣୀକୁ ଲେଖିବାକୁ ମନା କରିବା ଏକ ଅପରାଧ ଅଟେ। ସୂଚନା ନ ଦେବା ପାଇଁ ୦–୬ ମାସର ଜେଲ୍ ଦଣ୍ଡ। ଜୋରିମାନା ପଡିପାରେ।
- ଜିଲାସ୍ତରର ବିଶେଷ ନ୍ୟାୟାଳୟ ଯାହା ଶିଶୁ ସାପେକ୍ଷ ଏବଂ ଫାଷ୍ଟଟ୍ରାକ୍ ଅଟେ ଗଠିତ ହୋଇଛି। ନ୍ୟାୟାଳୟ ବିଶେଷ ରୂପରେ ଯୌନ ଶୋଷଣ କରୁଥିବା ଲୋକଙ୍କ ସହ କାରବାର କରେ।
- ସ୍ୱତନ୍ତ୍ର ନ୍ୟାୟାଳୟ ରେ କ୍ୟାମେରା ଉଭୟ ବିଚାର କରାଯାଏ। ଶିଶୁକୁ କେବେ ବି ଆରୋପୀର ସଂସ୍ପର୍ଶରେ ଅଣାଯାଏ ନାହିଁ।
- ଶିଶୁର ସହମତି କୁ ବୈଧ ପ୍ରତିରକ୍ଷା ବୋଲି ମାନି ଦିଆଯାଇପାରେ ନାହିଁ।
- ପୀଡିତଙ୍କୁ କ୍ଷତିପୂରଣ ଦିଆଯାଏ।

POCSO (ପୋସ୍କୋ) ଅଧିନିୟମ ଅନୁସାରେ ପରିଭାଷିତ ଶିଶୁ ଯୌନ ଶୋଷଣ ର ବିଭିନ୍ନ ଅପରାଧ ସେତେବେଳେ ଲାଗୁ ହୁଏ, ଯେତେବେଳେ କୌଣସି କାର୍ଯ୍ୟ କରାଯିବା ପଛରେ ଯୌନ ପ୍ରକୃତି/ଇଚ୍ଛା ଥାଏ। ଉଦାହରଣ: କେଜି କକ୍ଷର କୌଣସି ଛାତ୍ର ଦ୍ୱାରା ଏମିତି କରିବାର ଅନିଚ୍ଛା ସତ୍ତ୍ୱେ କେଜି ଛାତ୍ରର ଖରାପ କପଡା ବଦଳାଉଥିବା ଚାକରାଣୀକୁ POCSO (ପୋସ୍କୋ) ଅଧିନିୟମ ଅନୁଯାୟୀ କଭର କରାଯିବ ନାହିଁ। ଇଚ୍ଛା ର ପ୍ରକୃତ ଅର୍ଥ କଣ, ଏହାର କୌଣସି ସ୍ପଷ୍ଟ ପରିଭାଷା ନାହିଁ। ନ୍ୟାୟାଳୟ ସାମ୍ନାରେ ମାମଲାର ତଥ୍ୟ ଏବଂ ପରିସ୍ଥିତିଗୁଡିକ ଯୌନ ଇଚ୍ଛାର ଉପସ୍ଥିତି/ଅନୁପସ୍ଥିତିର ସଂକେତ ଦେବ।

ଅଧିନିୟମକୁ ନିମ୍ନଲିଖିତ ୭ ଶ୍ରେଣୀ A ରୁ G ରେ ବଣ୍ଟା ଯାଇପାରିବ।
A. ଯୌନ ଉତ୍ପୀଡନ
B. ଯୌନ ଆକ୍ରମଣ
C. ଉତ୍ତେଜିତ ଯୌନ ଆକ୍ରମଣ
D. ବୈଧନୀୟ ଯୌନ ଆକ୍ରମଣ
E. ଉତ୍ତେଜିତ ବୈଧନୀୟ ଯୌନ ଆକ୍ରମଣ
F. ଅଶ୍ଳୀଳ ଉଦ୍ଦେଶ୍ୟ ପାଇଁ ଶିଶୁଙ୍କ ବ୍ୟବହାର
G. ଅପରାଧରେ ସହାୟତା କରିବା

A. ଯୌନ ଉତ୍ପୀଡନ: ଏଥିରେ ସେଇସବୁ ଅପରାଧ ସାମିଲ୍ ଅଛି ଯେଉଁଥିରେ ଛୁଇଁବା ସାମିଲ୍ ନାହିଁ। ଯେମିତିକି ବେକାର ଟିପ୍ପଣୀ ଦେବା, ପିଛା କରିବା, ଅଶ୍ଳୀଳ ଫଟୋ, ବାର୍ତ୍ତା ପଠେଇବା, ଗୁପ୍ତାଙ୍ଗଗୁଡିକୁ ଦେଖାଇବା ଇତ୍ୟାଦି।
ଦଣ୍ଡ: ୦ ରୁ ୩ ବର୍ଷର ଜେଲ୍/ଜୋରିମାନା।

B. ଯୌନ ଆକ୍ରମଣ: ଏଥିରେ ସେଇସବୁ ଅପରାଧ ସାମିଲ୍ ଅଛି ଯେଉଁଥିରେ ଛୁଇଁବା ସାମିଲ୍ ଅଛି। କିନ୍ତୁ ଛୁଇଁବା ଅବୈଧ ଅଟେ, ଯେମିତିକି ଶିଶୁର ଯୌନାଙ୍ଗ କୁ ଛୁଇଁବା କିମ୍ବା ଶିଶୁକୁ ଅନ୍ୟ କାହା ସହ ଏମିତି କରିବାକୁ କହିବା ଇତ୍ୟାଦି।
ଦଣ୍ଡ: ୩ ରୁ ୫ ବର୍ଷର ଦଣ୍ଡ କିମ୍ବା ଜୋରିମାନା।

C. *ଉତ୍ତେଜିତ ଯୌନ ଆକ୍ରମଣ (ଉ ଶ୍ରେଣୀର ପରବର୍ତ୍ତୀ ବାକ୍ସ ମଧ୍ୟସ୍ଥ ସୂଚନାକୁ ଦେଖନ୍ତୁ)

D. ବୈଧନୀୟ ଯୌନ ଆକ୍ରମଣ: ଶିଶୁର ଛିଦ୍ର (ମୁହଁ କିମ୍ବା ଅଣ୍ଟା ତଳର କୌଣସି ବି ଅଂଶ) ରେ କିଛି ବି ବସ୍ତୁ କିମ୍ବା ଶରୀରର ଅଂଶକୁ ଭର୍ତ୍ତିକରିବା।
ଦଣ୍ଡ:
a. ୧୦ ବର୍ଷର ଜେଲଦଣ୍ଡଠୁ ଧରି ଆଜୀବନ କାରାଦଣ୍ଡ ଏବଂ ଜୋରିମାନା
b. ଯଦି ଶିଶୁ ୧୬ ବର୍ଷରୁ କମ୍ ହୋଇଥିବ, ତେବେ ୨୦ ବର୍ଷର ଜେଲଦଣ୍ଡଠୁ ନେଇ ଆଜୀବନ କାରାଦଣ୍ଡ ଓ ଜୋରିମାନା।

E. *ଉତ୍ତେଜିତ ବୈଧନୀୟ ଯୌନ ଆକ୍ରମଣ: (ନିମ୍ନଲିଖିତ କୋଠରୀ ମଧ୍ୟରେ ଥିବା ସୂଚନାଗୁଡିକୁ ଦେଖନ୍ତୁ)

SAF Social Axiom Foundation

* ଭେଦାକାରୀ ଆକ୍ରମଣ

ଯୌନ ଏବଂ ଭେଦକାରୀ ଯୌନ ଆକ୍ରମଣ କ୍ରମଶଃ ଗମ୍ଭୀର ଯୌନ ଆକ୍ରମଣ ଏବଂ ଗମ୍ଭୀର ଭେଦାକାରୀ ଯୌନ ଆକ୍ରମଣ ରୂପରେ ପରିଭାଷିତ କରାଗଲା। ଏକ ଆକ୍ରମଣ ଗମ୍ଭୀର ହୁଏ, ଏହାର ଅର୍ଥ ହେଉଛି ଯେତେବେଳେ ବିଶ୍ୱାସ ଏବଂ ଦାୟିତ୍ୱର ପରିସ୍ଥିତିରେ ଥିବା କୌଣସି ବ୍ୟକ୍ତି ଯୌନ ଶୋଷଣ କରେ। ପରିବାରର ସଦସ୍ୟ, ପୋଲିସ୍ କର୍ମଚାରୀ, ସଶସ୍ତ୍ର ବଳର କର୍ମଚାରୀ, କୌଣସି ଶିକ୍ଷଣୀୟ ସଂସ୍ଥା କିମ୍ବା ଡାକ୍ତରଖାନା ର ପ୍ରାବଧାନ କିମ୍ବା କର୍ମଚାରୀ ଆଦି ମାନେ ବିଶ୍ୱସନୀୟ ବ୍ୟକ୍ତିଙ୍କ ଶ୍ରେଣୀରେ ଅନ୍ତର୍ଭୁକ୍ତ। ସାମୂହିକ ବଳାତ୍କାର, ଶିଶୁର ମୃତ୍ୟୁର କାରଣ ହୋଇଥିବା ଅପରାଧ କିମ୍ବା ଯଦି ପୀଡିତ ର ବୟସ ୧୨ ବର୍ଷରୁ କମ୍ ହୁଏ, ତେବେ ବି ଆକ୍ରମଣକୁ ଗମ୍ଭୀର ଆକ୍ରମଣ ବୋଲି ମାନିବା।

ଦଣ୍ଡ: ଗମ୍ଭୀର ଯୌନ ଶୋଷଣ ପାଇଁ ୫ ରୁ ୭ ବର୍ଷର ଜେଲଦଣ୍ଡ ଏବଂ ଜୋରିମାନା ଗମ୍ଭୀର ଭେଦକାରୀ ଯୌନ ଶୋଷଣ ପାଇଁ ୨୦ ବର୍ଷର କଠୋର ଜେଲଦଣ୍ଡଠୁ ଧରି ଆଜୀବନ କାରାଦଣ୍ଡ ଏବଂ ଜୋରିମାନା କିମ୍ବା ମୃତ୍ୟୁଦଣ୍ଡ।

ପୋକ୍ସୋ ଅଧିନିୟମ ୨୦୧୯ ରେ ସଂଶୋଧିତ ହୋଇଥିଲା। ସଂଶୋଧନରେ ଶିଶୁ ପୀଡିତଙ୍କର ବୟସ ବର୍ଗୀକରଣ, ବର୍ଦ୍ଧିତ ଦଣ୍ଡ ଏବଂ ମୃତ୍ୟୁଦଣ୍ଡ ଆଦିର ଆରମ୍ଭ କରାଗଲା।

F. ଅଶ୍ଳୀଳ ଉଦ୍ଦେଶ୍ୟ ପାଇଁ ପିଲାଙ୍କର ବ୍ୟବହାର: ଅଶ୍ଳୀଳ ସାମଗ୍ରୀର ତିଆରି, ଉତ୍ପାଦନ, ପ୍ରସାରଣ, ପ୍ରକାଶନ, ବଟନ ଇତ୍ୟାଦି କରିବା ପାଇଁ କୌଣସି ବି ମାଧ୍ୟମ ଯେମିତିକି: ପ୍ରିଣ୍ଟ, କମ୍ପ୍ୟୁଟର୍, ବୈଦ୍ୟୁତିକ, ଟେଲିଭିଜନ୍ ଚ୍ୟାନେଲ୍, ଇଣ୍ଟରନେଟ୍ କିମ୍ବା ଅନ୍ୟ କୌଣସି ଉପାୟ ମାଧ୍ୟମ ଦ୍ୱାରା ଶିଶୁମାନଙ୍କୁ ସାମିଲ୍ କରିବା।

ଦଣ୍ଡ: ୩ ରୁ ୫ ବର୍ଷ ର ଜେଲ୍ ଏବଂ ଜୋରିମାନା। ବାରମ୍ବାର ଅପରାଧ କରୁଥିବା ବ୍ୟକ୍ତିଙ୍କ ପାଇଁ ଜେଲ୍ ଦଣ୍ଡର ଅବଧି ଲମ୍ବା ମଧ ହୁଏ।

ଶିଶୁ ଅଶ୍ଳୀଳ ସାମଗ୍ରୀକୁ ପ୍ରିଣ୍ଟ, ବୈଦ୍ୟୁତିକ, ଡିଜିଟାଲ୍ ଆଦି କୌଣସିବି ରୂପରେ ରଖିବା ଦଣ୍ଡନୀୟ ଅଟେ। ୭ ବର୍ଷର ଜେଲ୍ ଦଣ୍ଡ ମଧ ହୋଇପାରେ। ସେହି ପରିସ୍ଥିତି ଉପରେ ନିର୍ଭର କରେ କି ବ୍ୟକ୍ତି ଜଣକ ବାରମ୍ବାର ଅପରାଧ କରୁଛନ୍ତି। ଅଶ୍ଳୀଳ ସାମଗ୍ରୀକୁ ବ୍ୟବସାୟିକ ଉଦ୍ଦେଶ୍ୟ ପାଇଁ ବ୍ୟବହାର ଅଛି କି ନାହିଁ ଇତ୍ୟାଦି।

G. ଅପରାଧରେ ସହୟତା କରିବା: ଏହାର ଅର୍ଥ ହେଉଛି କାହାକୁ ଅପରାଧ କରିବାରେ ସାହାଯ୍ୟ କରିବା। ଓଘଇଜଘ (ପୋକ୍ସୋ) ଅଧିନିୟମ ଅନୁସାରେ ଅପରାଧୀକୁ ସାହାଯ୍ୟକରିବାର ଦଣ୍ଡ ଅପରାଧୀର ଦଣ୍ଡ ସହ ସମାନ।

ପ୍ରମାଣ ଓ ଅପରାଧ ସ୍ଥଳର ସୁରକ୍ଷା କରିବା

ଅପରାଧର ପ୍ରମାଣର ସୁରକ୍ଷା କରିବା ଜରୁରୀ ଅଟେ। ବିଦ୍ୟାଳୟର ଅପରାଧୀମାନଙ୍କୁ ସେହି କ୍ଷେତ୍ରର ଘେରାବନ୍ଦୀ କରିବା ପାଇଁ ତତ୍କାଳୀନ ପଦକ୍ଷେପ ନେବା ଜରୁରୀ, ଯେଉଁଠାରେ ଦୁର୍ବ୍ୟବହାର କରାଯାଇଥିଲା ଏବଂ ପୋଲିସ୍‌କୁ ସୂଚନା ଦେବା ଜରୁରୀ। ପ୍ରମାଣକୁ ନଷ୍ଟକରିବା ମଧ ନିଜ ମଧରେ ଏକ ଅପରାଧ ଅଟେ।

ଶିଶୁର ପରିଚୟର ରକ୍ଷା କରିବା:

ପୀଡିତ ଶିଶୁର ଗୋପନୀୟତାକୁ କଡାକଡି ଭାବେ ସୁରକ୍ଷିତ ରଖାଯିବା ଉଚିତ୍। କୌଣସି ଶିଶୁର ପରିଚୟରେ ତାର ନାମ, ଠିକଣା, ଫୋଟ, ପରିବାରର ବିବରଣୀ, ସ୍କୁଲ୍, ପଡୋଶୀ ଇତ୍ୟାଦି ସାମିଲ୍ ଥାନ୍ତି। ମିଡିଆ ପାଖରେ ପିଲାର ପରିଚୟକୁ ସୁରକ୍ଷିତ ରଖିବାର ଦାୟିତ୍ୱ ସ୍କୁଲ୍‌ର ଅଧିକାରୀମାନେ ସୁନିଶ୍ଚିତ କରିବା ଜରୁରୀ। ବିଶେଷ ନ୍ୟାୟଳୟଙ୍କ ବିନା ଅନୁମତିରେ ଯଦି କୌଣସି ବ୍ୟକ୍ତି ଶିଶୁର ପରିଚୟର ପରିପ୍ରକାଶ କରେ, ତାକୁ ୬ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ କିମ୍ବା ଜୋରିମାନା ହୁଏ।

POCSO (ପୋକ୍ସୋ) ଅଧୀନସ୍ଥ ମିଛ ଅଭିଯୋଗ:

କୌଣସି ବି ବ୍ୟକ୍ତି, ଯିଏ ମିଛ ଅଭିଯୋଗ କରୁଥିବ କିମ୍ବା ବ୍ୟକ୍ତି ବିରୁଦ୍ଧରେ ମିଛ ସୂଚନା ପ୍ରଦାନ କରୁଥିବ ତାକୁ ୬ ମାସ ପର୍ଯ୍ୟନ୍ତ ଦଣ୍ଡ ଏବଂ କିମ୍ବା ଜୋରିମାନା ଦେବାକୁ ପଡିପାରେ। କୌଣସି ଶିଶୁ ଯିଏ ଅଭିଯୋଗ କରିବରେ ବିଫଳ ହୁଏ। ମିଛ ଅଭିଯୋଗ କରିଥାଏ କିମ୍ବା ଅପରାଧ ବିଷୟରେ ମିଛ ସୂଚନା ଦିଏ। ତାକୁ ଏହି ଅଧିନିୟମ ଅନୁଯାୟୀ ଉତ୍ତରଦାୟୀ ବୋଲି ମାନି ନିଆଯାଇପାରିବ ନାହିଁ।

## 8. POCSO E-Box (ପୋକ୍ସୋ ଇ–ବକ୍ସ)

ଏନ୍ ସି ପି ସି ଆର୍, ଏସ୍ ଡବ୍ଲୁ ଆଣ୍ଡ ସିଡି, ଭାରତ ସରକାର ସହ ମିଶି ପୋକ୍ସୋ ଇ–ବକ୍ସ ନାମକ ଏକ ଦୃଷ୍ଟାନ୍ତଭିତ୍ତିକ ଅନ୍‌ଲାଇନ୍ ଅଭିଯୋଗ ବାକ୍ସ ବନାଇଛି। ଏହି ଇ–ବକ୍ସ www.ncpcr.gov.in. ରେ ଉପଲବ୍ଧ ଅଟେ। ଶିଶୁ ସହ କେହି ବି ଶିଶୁ ଯୌନ ଶୋଷଣ ସମ୍ବନ୍ଧରେ ଅଭିଯୋଗ କରିବା ପାଇଁ ଏହି ଇ–ବକ୍ସରେ କରିପାରିବେ। ଶିଶୁ ସହ କୌଣସି ବି ବ୍ୟକ୍ତି ପୋକ୍ସୋ ଇ–ବକ୍ସରେ ଦେୟମୁକ୍ତ ସହାୟତା ନମ୍ବର: 9868235077/1800115455 କିମ୍ବା ଶିଶୁ ସହାୟତା ନମ୍ବର 1098 କୁ କଲ୍ କରି ଅଭିଯୋଗ ଦଖଲ କରିପାରିବେ।



SAF Social Axiom Foundation




पोक्सो ई–बॉक्स

**POCSO E-BOX**

## 9. ନ୍ୟାସନାଲ୍ ସେକ୍ସ ଅଫେଡେର୍ ରେଜେଷ୍ଟ୍ରି (ଜାତୀୟ ଯୌନ ଅପରାଧୀ ରେକର୍ଡ/ଦଲିଲ୍) (NDSO)

ଯୌନ ଅପରାଧୀ ଉପରେ ରାଷ୍ଟ୍ରିୟ ଡାଟାବେସ୍ ପୁରା ଭାରତରୁ ଯୌନ ଅପରାଧୀର ରାଷ୍ଟ୍ରୀୟ ବିବରଣ ଖାତା ଅଟେ। ଏଥିରେ ୨୦୦୫ରୁ ଦୋଷ ମୁକ୍ତ ଯୌନ ଅପରାଧୀମାନେ ଅଛନ୍ତି। ଯାହାଦ୍ୱାରା କି ସେମାନଙ୍କ ଖୋଜ ଖବର ନିଆଯାଇପାରିବ ଏବଂ ତାଙ୍କ ଉପରେ ନଜର ରଖାଯାଇପାରିବ। ଏନ୍ ଡି ଏସ୍ ଏ ୨୦୧୮ରେ ଆରମ୍ଭ ହେଲା ଏବଂ ଏଥିରେ ୪ ଲକ୍ଷରୁ ଅଧିକ ଦୋଷୀଙ୍କର ବିବରଣୀ ରହିଛି। ଡାଟାବେସ୍ କେବଳ କାନୁନ୍ ପ୍ରବର୍ତନ କାଯ୍ୟାଳୟ ପାଇଁ ସୁଲଭ ଅଟେ। ସଧାରଣ ଜନତାଙ୍କ ପାଇଁ ନୁହେଁ। ପୋଲିସ୍ ଏହି ଡାଟାବେସ୍ କୁ ସ୍କୁଲ୍ ର ସହିତ ବିସ୍ତୀର୍ଣ୍ଣ ସଂଗଠନରେ କାମ କରୁଥିବା କର୍ମଚାରୀଙ୍କ ସଂସ୍ଥାପନ ପାଇଁ କରନ୍ତି।

## 10. ନ୍ୟାସନାଲ୍ ଲିଗଲ ସର୍ଭିସେସ ଅର୍ଥରିଟିଜ –(NALSA)(ନାଲ୍ସା)

ରାଷ୍ଟ୍ରୀୟ କାନୁନ୍ ସେବା ପ୍ରାଧୀକରଣ NLSA (www.nalsa.gov.in) ର ଗଠନ କାନୁନୀ ସେବା ପ୍ରାଧୀକରଣ ଅଧିନିୟମ ୧୯୮୭ ରେ ଅନ୍ତର୍ଗତ କରାଯାଇଥିଲା।

ଏହି ନିଯମ ଅନ୍ତର୍ଗତ ମାନବ ଟ୍ରାଫିକିଂର ଶିକାର, POCSO (ପୋକ୍ସୋ) ପୀଡିତା, ଅନୁସୂଚିତ ଜାତି ତଥା ଜନଜାତି ର ସଦସ୍ୟ, ମହିଳା, ଛୋଟପିଲା, ଗରିବ ଆଦିଙ୍କୁ ମାଗଣା ଆଇନ୍‌ଗତ ସେ୍ୱବା ପ୍ରଦାନ କରାଯାଏ।

ଭାରତର ପ୍ରଧାନ ବିଚାରପତି NALSA ର ପ୍ରମୁଖ ଅଟନ୍ତି। ପ୍ରତ୍ୟେକ ରାଜ୍ୟରେ ଷ୍ଟେଟ୍ ଲିଗାଲ୍ ସର୍ଭିସେସ୍ ଅଥରିଟିଜ୍ – SLSA ର ଗଠନ କରାଯାଇଛି। ଏହାର ପ୍ରମୁଖ ମାନ୍ୟବର ଉଚ୍ଚନ୍ୟାୟାଳୟର ପ୍ରଧାନ ବିଚାରପତି ଅଟନ୍ତି। ପ୍ରତ୍ୟେକ ଜିଲ୍ଲାରେ ଡିଷ୍ଟ୍ରିକ୍ ଲିଗାଲ୍ ସର୍ଭିସେସ୍ ଅଥରିଟିଜ୍ DLSA ର ଗଠନ କରାଯାଇଛି। ଏହା ଜିଲ୍ଲା ନ୍ୟାୟାଳୟ କମ୍ପ୍ଲେକ୍ସରେ ଅବସ୍ଥିତ ଏବଂ ଜିଲ୍ଲା ବିଚାରପତି ଏହାର ପ୍ରମୁଖ ଅଟନ୍ତି। ସହରସ୍ତରରେ ମଧ ତାଲୁକା ଲିଗାଲ୍ ସର୍ଭିସେସ୍ କମିଟି ଗଥନ କରାଯାଇଛି। ଅଧିକାରୀ ମାନେ ବିବାଦର ସହଜପୂର୍ଣ୍ଣ ସମାଧାନ କରିବା ପାଇଁ ସମୟ ସମୟରେ ଲୋକ ଅଦାଲତର ଆୟୋଜନ ମଧ କରିଥାଏ।

## 11. କାକା (CACA) ସୁରକ୍ଷା ଅଭ୍ୟାସ ପୁସ୍ତିକାରେ ଅନ୍ତର୍ଭୁକ୍ତ ସରକାରୀ ଲୋଗୋ (Logo)/ନିତି/ଯୋଜନା/ହେଲ୍ପଲାଇନ୍ ନମ୍ବର

Swachh Bharat

न्याय सब के लिए
ACCESS TO JUSTICE FOR ALL

CHILD LINE 1098 NIGHT & DAY

RIGHT TO INFORMATION

NCPCR
NATIONAL COMMISSION FOR PROTECTION OF CHILD RIGHTS

NDRF • INDIA
Saving Lives & Beyond...

भारत निर्वाचन आयोग
ELECTION COMMISSION OF INDIA

SAMAGRA SHIKSHA ABHIYAN

NATIONAL INSTITUTE OF MENTAL HEALTH & NEURO SCIENCES

my GOV Pledge

Eat Right India
सही भोजन. बेहतर जीवन.

Eat Right SCHOOL

प्रधानमंत्री भारतीय जन औषधि परियोजना

fssai

ISI

+F FORTIFIED
SAMPOORNA POSHAN SWASTH JEEVAN

भारत सरकार
GOVERNMENT OF INDIA

अतुल्य ! भारत
Incredible !ndia

JAGO GRAHAK JAGO

nbt.india
एकः सूते सकलम्

cfsi CHILDREN'S FILM SOCIETY INDIA
Promoting Every Child's Right to Entertainment

International Day of Yoga 21 June
Yoga for Harmony & Peace

ISRO

NCC

**REPORT**

**Child labour** - https://pencil.gov.in/Complaints/add

**Child sexual abuse - CSA** - POCSO E - Box https://ncpcr.gov.in/user_complaints.php **Or** call toll free POCSO Helplines 1800115455, 9868235077, Child Helplines 1098

**Food adulteration** - SMS/ WhatsApp at - 9868686868

**National Cyber Crime Reporting** - https://cybercrime.gov.in/

**TRACK**

A missing Child https://trackthemissingchild.gov.in/trackchild/index.php

**ADOPT**

A Child - http://cara.nic.in/

**HELP-LINES**

**The National Disaster Response Force** (NDRF) - 9711077372

**Railway Police** - 1052

**Trangender certification by Ministry of Justice and Empowerment, Govt. of India** - http://transgender.dosje.gov.in/

**NIMHANS for psychosocial support and mental health services to survivors during disasters** - 080–46110007

**NALSA (Free Legal Aid)** - 15100

**National common emergency number** - 112

Drug de-addiction, Ministry of Social Justice and Empowerment Govt. of India 1800-11-0031

ଚିଲ୍ଡ୍ରେନ୍ ଅଗ୍‌ନେଷ୍ଟ୍
ଚାଇଲ୍ଡ ଆବ୍ୟୁସ୍

# ପ୍ରୋଜେକ୍ଟ କାକା (CACA)

edusynergies

ସ୍କୁଲ୍‌ର ସୁରକ୍ଷା ନୀତି ଅନୁଯାୟୀ
ପିଲାଙ୍କ ପାଇଁ ସୁରକ୍ଷା କାର୍ଯ୍ୟ କ୍ରମ।

କାକା (CACA) ସୁରକ୍ଷା ଅଭ୍ୟାସ ପୁସ୍ତିକା
(କିଣ୍ଡର୍‌ଗାର୍ଡେନ୍ ରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ)

## ଅଭ୍ୟାସ ପୁସ୍ତିକାର ଶୀର୍ଷକ

- ମାଇଁ ବିଗନର୍ସ ସେଫ୍‌ଟି ୱାର୍କବୁକ୍
- ମାଇଁ ଫାଷ୍ଟ ସେଫ୍‌ଟି ୱାର୍କବୁକ୍
- ମାଇଁ ସେକେଣ୍ଡ ସେଫ୍‌ଟି ୱାର୍କବୁକ୍
- ମାଇଁ ଥାର୍ଡ ସେଫ୍‌ଟି ୱାର୍କବୁକ୍
- ମାଇଁ ଫୋର୍ଥ ସେଫ୍‌ଟି ୱାର୍କବୁକ୍
- ମାଇଁ ଫିଫଥ୍ ସେଫ୍‌ଟି ୱାର୍କବୁକ୍
- ମାଇଁ ସିକ୍‌ସ୍‌ଥ ସେଫ୍‌ଟି ୱାର୍କବୁକ୍
- ମାଇଁ ସେଭେନଥ୍ ସେଫ୍‌ଟି ୱାର୍କବୁକ୍
- ମାଇଁ ଏଇଟ୍‌ଥ୍ ସେଫ୍‌ଟି ୱାର୍କବୁକ୍
- ମାଇଁ ନାଇନ୍‌ଥ ସେଫ୍‌ଟି ୱାର୍କବୁକ୍

OR

**Project CACA**
**Address:** EW - 3, Second Floor, Mianwali Nagar, Paschim Vihar, Delhi-110087
**Contact No:-** 011-40074904, 092054 88402, 092054 88405
**E mail:** info@projectcaca.org
**Website:** www.projectcaca.org
@projectcaca | @projectcaca

*End the Stigma, Raise Awareness*

*RED-OR-01*